# ଏପିସୋଡ ୩୮

## ଅଙ୍ଗାର ଟ୍ୟାକ୍ସ

ମୂଳ ଲେଖା: କୌସ୍ତୁଭ ଚୌଧୁରୀ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ହରିଶ, ରାମ, ଚତୁର, ବେଣୀ, ରଘୁ ଗାଁ ଯୁବକ

ଆରାଫତ, ମାଧବ ଗାଁ ଚାଷୀ

ନୀତା, ସୋମା କଲେଜ ଛାତ୍ରୀ

ସୁଦୀପ, ବିମଳ, ସମୀର କଲେଜ ଛାତ୍ର

କଲେଜ ଅଧ୍ୟାପକ ୟୁଏନଡିପି ଅଧିକାରୀ ପାମେଲା ଘୋଷକ

(ଉତ୍ତର ଭାରତର ଗୋଟିଏ ଦୂରନ୍ତ ଗାଁ। ହରିଶ, ରାମ, ଚତୁର, ବେଣୀ ଗାଁ ମୁଣ୍ଡ ବରଗଛ ତଳେ ସନ୍ଧ୍ୟା ସମୟରେ ପରସ୍ପର ଭିତରେ କଥା ହେଉଛନ୍ତି। ପକ୍ଷୀଙ୍କ ରାବ ଆଦି ଶୁଣାଯାଉଛି।)

ହରିଶ: ଓହୋ, ଦିନରେ କେତେ ଗରମ ହେଉଥିଲା।

ରାମ: ହୁଁ... ହରିଶ, ଆଜି ମୁଁ ରେଡିଓରେ ଶୁଣିଥିଲା ତାପମାତ୍ରା ୪୪ ଡିଗ୍ରୀ ଟପିଯାଇଛି।

ଚତୁର: ହେ ଭଗବାନ, ୪୪ ଡିଗ୍ରୀ!! ରାମ ତୁ ଠିକରେ ଶୁଣିଛୁ ତ?

ରାମ: ହଁ ଚତୁର। କେବଳ ଏତିକି ନୁହେଁ, ଆଗକୁ ଗ୍ରୀଷ୍ମପ୍ରବାହର ଘୋଷଣା ବି

କରାଯାଇଛି। ତାପମାତ୍ରା ବଢ଼ି ବଢ଼ି ୪୭ ଡିଗ୍ରୀ ବି ଟପିଯାଇପାରେ।

ବେଣୀ: (ରାଗିଯାଇ) ତାହେଲେ ଆମେ କେମିତି ବଞ୍ଚିବା? ଗରମରେ ତ ମରିଯିବା।

ରାମ: ଠିକ କହିଛୁ ବେଣୀ। ପଙ୍ଖା ଚାଲିବା ପାଇଁ ଲାଇନ୍ ବି ନାହିଁ।

ହରିଶ: କୂଅ ବି ଶୁଖିବାକୁ ବସିଲାଣି। ଖୁବ୍ ଶୀଘ୍ର ପିଇବାକୁ କି ଗାଧୋଇବାକୁ ପାଣି ନ ଥିବ।

ବେଣୀ: ହଁ ତା ତ ଠିକ କଥା। ଆମ ଭାଗ୍ୟ ସତରେ ଖରାପ। କିନ୍ତୁ ତୁ ଗୋଟିଏ କଥା ଲକ୍ଷ୍ୟ କରିଛୁ ହରିଶ?

ହରିଶ: କ'ଣ?

ବେଣୀ: ଆମ ପିଲାଦିନେ ତାପମାତ୍ରା ଏତେ ବଢୁ ନ ଥିଲା। ଏଇ ନିକଟରେ...

ଚତୁର: ଠିକ କଥା। ଗତ କିଛି ବର୍ଷ ହେଲା ଏହା ଅସହ୍ୟ ହେଉଛି।

ରାମ: ହଁ। ଠିକ। ମୁଁ ବି ଲକ୍ଷ୍ୟ କରିଛି। କିନ୍ତୁ ଏହାର କାରଣ କ'ଣ ହୋଇପାରେ?

ବେଣୀ: ପ୍ରଦୂଷଣ ବନ୍ଧୁ ପ୍ରଦୂଷଣ।

ଚତୁର: ଠିକ କହିଛୁ ବେଣୀ। ଗତକାଲି ମୁଁ ବିଶ୍ୱ ଉଷ୍ମାୟନ ଉପରେ ରେଡିଓରେ ଗୋଟିଏ କାର୍ଯ୍ୟକ୍ରମ ଶୁଣୁଥିଲି। ସେଠି ସେମାନେ ଅଙ୍ଗାର ପ୍ରଦୂଷଣ, ସବୁଜକୋଠରୀ ବାଷ୍ପ ଆଦି ଆଲୋଚନା କରୁଥିଲେ।

ରାମ: ତା ମାନେ ଏହା ଗୋଟିଏ ବିଶ୍ୱବ୍ୟାପୀ ସମସ୍ୟା।

ବେଣୀ: ତା ତ ମନେହେଉଛି। ସରକାର ଏଥିପ୍ରତି ଧ୍ୟାନ ଦେବା ଦରକାର।

ଚତୁର: ହୁଁ... ସରକାର ଆଉ ଧ୍ୟାନ...

ରାମ: ତା ମାନେ କିଛି ଆଶା ନାହିଁ। ଅନ୍ତତଃ ଆମ ଜୀବନକାଳ ଭିତରେ...

(ସମସ୍ତେ ହସୁଛନ୍ତି)

ହରିଶ: ଆରେ ରଘୁ ଏତେବେଳ ଯାଏଁ କୁଆଡ଼େ ଗଲା। ଆସିନି ତ।

ରାମ: ହଁ ହଁ, ଆସି ସାତଟା ବାଜିଲାଣି। ତା'ର କ'ଣ ପାଇଁ ଆଜି ଏତେ ଡେରୀ?

ବେଣୀ: ଶୁଣିଥିଲି ତା ଭାଇର ଦେହ ଖରାପ। ସେଥିପାଇଁ...

ଚତୁର: ଚାଲ ଭାଇ। ତା ଘରକୁ ଯିବା।

ରାମ: ହଁ ଚାଲ। ତା'ର କିଛି ଅସୁବିଧା ହୋଇଥାଇପାରେ। ଆମେ କିଛି ସାହାଯ୍ୟ କରିପାରିବା।

(ସମସ୍ତେ ଚାଲିବାକୁ ଆରମ୍ଭ କଲେ, ରଘୁ ଘରେ ପହଞ୍ଚିଲେ।

ହରିଶ: (ଧୀର ସ୍ୱରରେ) ଦୁଆର ବନ୍ଦ ହୋଇଛି। ତୁଳସୀ ଚଉରା ପାଖରେ ଆଲୁଅ ଜଳୁନି। କିଛି ଅସୁବିଧା ହୋଇଛି କି?

ବେଣୀ: ତାକୁ ଡାକିବା। (ଜୋର ପାଟିରେ) ରଘୁ ହେ ରଘୁ... ଘରେ ଅଛୁ?

ରାମ: (ଚିତ୍କାର କରି) ରଘୁ... ରଘୁ...

(ହଠାତ ଦୁଆର ଖୋଲିଯିବା ଆଉ ରଘୁ ଆସିବା)

ଚତୁର: କ'ଣ ହୋଇଛି ରଘୁ? ଆଜି ବରଗଛ ମୂଳକୁ କାହିଁକି ଆସିଲୁନି?

ରାମ: ତୋର କିଛି ଅସୁବିଧା ହୋଇଛି କି? କେମିତି ଗୋଟେ ଦେଖାଯାଉଛୁ।

(ହଠାତ ରଘୁ କାନ୍ଦିବାକୁ ଆରମ୍ଭ କରିଛି)

ବେଣୀ: ରଘୁ... ରଘୁ... କ'ଣ ହୋଇଛି? କାହିଁକି କାନ୍ଦୁଛୁ?

ରଘୁ: (କାନ୍ଦି କାନ୍ଦି) ମୋ ଭାଇ ସକାଳୁ ଚାଲିଗଲେ।

(କିଛି ସମୟ ପାଇଁ ସମସ୍ତେ ଚୁପ ହୋଇଗଲେ)

ରାମ: କ'ଣ? ତୁ ଏ କ'ଣ କହୁଛୁ? ତୋ ଭାଇ.. ମାନେ ମଣି... ଚାଲିଗଲେ?

ରଘୁ: ହଁ ରାମ ହଁ। ସେ ଆଉ ଆମ ସହ ନାହାନ୍ତି।

ହରିଶ: କିନ୍ତୁ କେମିତି? ବେଣୀ କହୁଥିଲା ତାଙ୍କ ଦେହ ଭଲ ନ ଥିଲା।

ରଘୁ: ହଁ, (କାନ୍ଦି କାନ୍ଦି) ଗତ କେତେ ମାସ ଧରି ନିଶ୍ୱାସ ନେବାରେ ତାଙ୍କୁ କଷ୍ଟ ହେଉଥିଲା। ଆମେ ଗାଁ ଡାକ୍ତରଖାନା ଯାଇଥିଲୁ। ଡାକ୍ତର କହିଲେ ତାଙ୍କର ବହୁତ ଜୋରରେ ଫୁସଫୁସ ରୋଗ ହୋଇଛି ଏବଂ କିଛି ପରୀକ୍ଷା କରିବାକୁ କହିଲେ। କିନ୍ତୁ ତମେ ତ ଜାଣିଛ...

ରାମ: ସବୁଠୁ ପାଖ ଡାକ୍ତରଖାନା ସହରରେ ୬୦ କିଲୋମିଟର ଦୂର।

ରଘୁ: ହଁ, ଡାକ୍ତର କହିଲେ ସେ ପରୀକ୍ଷା ଏଠି ହୋଇପାରିବ ନାହିଁ। ସେଥିପାଇଁ ଆମେ କାଲି ରାତିରେ ଗୋଟିଏ ଗାଡ଼ି ଭଡ଼ା କଲୁ, କିନ୍ତୁ..

ବେଣୀ: କିନ୍ତୁ... କିନ୍ତୁ କ'ଣ ରଘୁ?

ରଘୁ: ସକାଳୁ କଷ୍ଟ ବହୁତ ବଢ଼ିଗଲା। ସେ ପୂରା ଧଇଁ ପେଲିହେଲା ଭଳି

ହେଲେ। ହେ ଭଗବାନ, କି କଷ୍ଟ... ସେ ଖାଲି ଛଟପଟ ହେଉଥିଲେ। ଆମେ ତାଙ୍କୁ ଗାଡ଼ିରେ ବସାଇ ଡାକ୍ତରଖାନା ଯିବାକୁ ବାହାରିଲୁ। କିନ୍ତୁ ମାତ୍ର ଦଶ କିଲୋମିଟର ଯାଇଛୁ... ସେ ମୋ କୋଳରେ ଶେଷ ନିଶ୍ୱାସ ନେଲେ।

(ରଘୁ କାନ୍ଦିବାକୁ ଆରମ୍ଭ କଲା)

ରାମ: ତୁନି ହୋଇ ଯା ରଘୁ। ଆମେ ସମସ୍ତେ ତୋ ମନ କଥା ବୁଝିପାରୁଛୁ।

ରଘୁ: (କାନ୍ଦି କାନ୍ଦି) ଡାକ୍ତର କହିଲେ ପ୍ରବଳ ପ୍ରଦୂଷଣ ଏହାର କାରଣ ହୋଇପାରେ। ଆଉ ତମେ ଜାଣିଛ, ମଣି ଗାଁ ବାହାରେ ଗୋଟିଏ ସ୍ପଞ୍ଜ ଲୁହା କାରଖାନାରେ କାମ କରୁଥିଲା। ଯଦି କାରଖାନାରେ ଉତ୍ତମ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଥାନ୍ତା ତାହେଲେ ମୋ ଭାଇ ଏମିତି କଷ୍ଟ ପାଇ ମରି ନ ଥାନ୍ତା।

ବେଣୀ: ଠିକ କଥା। କିନ୍ତୁ ଆମେ କ'ଣ କରିପାରିବା। ଗତ ମାସରେ ଆମ ଗାଁ ମୁଖିଆ ଏହି କାରଖାନା ବିଷୟରେ ପଞ୍ଚାୟତ ଅଫିସକୁ ଗୋଟିଏ ଚିଠି ଦେଇଥିଲେ। କିନ୍ତୁ ସେମାନେ ସିଧା ସେମାନଙ୍କ ଅକ୍ଷମତା ପ୍ରକାଶ କଲେ...

ରାମ: କୋଉଥି ପାଇଁ ଅକ୍ଷମତା?

ବେଣୀ: ଏଭଳି କାରଖାନାକୁ ନିୟନ୍ତ୍ରଣ କରିବାରେ..

ଚତୁର: କିନ୍ତୁ କାହିଁକି? ସେମାନେ କିଛି କାରଣ କହିଲେ?

ବେଣୀ: ହଁ ସେମାନେ ରାଜନୀତିଆଙ୍କ କଥା କହିଲେ।

ରାମ: ଏସବୁ କେବଳ ବାହାନା।

ବେଣୀ: ହଁ ଏବେ ଆମେ ସମସ୍ତେ ରଘୁ ସହ ରହିବା।

ହରିଶ: ଏସବୁ କଥା କାଲି ସନ୍ଧ୍ୟାବେଳେ ଆଲୋଚନା କରିବା।

ଦୃଶ୍ୟ ୨

ଆର୍ଟିକ ମହାସାଗରର କୌଣସି ଜାଗା, ଗୋଟିଏ ମେରୁଭାଲୁ ଛୁଆ ତା ମା ସହ ଯାଉଛି

ଛୁଆ: ମା ତମେ କ'ଣ ଖୋଜୁଛ?

ମା: ମୁଁ ଗୋଟିଏ ସିଲ୍ ଖୋଜୁଛି।

ଛୁଆ: ତାକୁ ଆମେ ଖାଇବା?

ମା: ହଁ ରେ। ସିଲ୍ ଦେହରେ ପ୍ରଚୁର ପୁଷ୍ଟିସାର ଆଉ ଚର୍ବି ଅଛି। ଯଦି ମୁଁ ଗୋଟିଏ ବଡ଼ ସିଲ୍ ମାରିପାରିବି ତାହେଲେ ତୁ ଆଉ ମୁଁ ଦୁହେଁ ମିଶି ତାକୁ ଖାଇପାରିବା।

ଛୁଆ: ଏହା ଆମକୁ ଉଷୁମ ବି ରଖିବ, ନୁହେଁ କି ମା?

ମା: ହଁ। ମୁଁ ଏଇଠି ଖୋଜୁଛି। ତୁ ବରଫର ଆର ପଟକୁ ଯାଇ ଶିକାର କର।

ଛୁଆ: ମା, ମୁଁ ସିଲ୍ ମାରିବା ଜାଣିଛି।

ମା: ଆଚ୍ଛା?

ଛୁଆ: ହଁ ମା। ମୁଁ ତମଠୁ ଶିଖିଛି। ଯେମିତି ସିଲ୍ ତା ମୁଣ୍ଡ ଉପରକୁ ଉଠିବ, ତା ମୁଣ୍ଡକୁ ମୁଁ ଜୋରରେ ଗୋଟିଏ ମୁଥ ମାରିବି।

ମା: ତୁ ପୂରା ଠିକ କହିଛୁ। ସେପଟକୁ ଯାଇ ଚେଷ୍ଟା କର। ତୁ ଗୋଟିଏ ଛୋଟ ଛୁଆ ସିଲ୍ ମାରିବାକୁ ଚେଷ୍ଟା କଲେ ଭଲ ହେବ।

ଛୁଅ: ଠିକ ଅଛି ମା। ମୁଁ ସେପଟକୁ ଯାଉଛି। (ଜୋରରେ ପାଟି କରି) ମା ଦେଖ, ମୁଁ ତମଠାରୁ କେତେ ଦୂରକୁ ଆସିଲିଣି।

(ହଠାତ ଗୋଟିଏ ଜୋର ଫାଟିବା ଶବ୍ଦ ଶୁଣାଗଲା। ଗୋଟିଏ ବିରାଟ ବରଫ ସ୍ତୁପ ଭାଙ୍ଗି ପଡ଼ିଲା।

ମା: (ଡରି ଯାଇ) ହେ ଭଗବାନ। ଆମ ବରଫସ୍ତର ଫାଟି ଯାଉଛି। (ଜୋରରେ ପାଟି କରି) ମୋ ଛୁଆ, ଧନ, ମୋ ପାଖକୁ ଜଲ୍ଦି ଚାଲି ଆ। ଆମେ ଅଲଗା ହୋଇଯିବା।

ଛୁଆ: (କାନ୍ଦି) ଏ କ'ଣ ମା? ଆମ ବରଫ ସ୍ତର ପୂରା ମଝିରୁ ଭାଙ୍ଗିଗଲା। ମା ମୋ ପାଖକୁ ଆସ।

ମା: କେମିତି ଯିବି?

ଛୁଆ: ମା ତମେ କାହିଁକି ସେଠି ଠିଆ ହୋଇ ରହିଛ?

ମା: ଦେଖ, ମୁଁ ଗୋଟିଏ ଭାସନ୍ତା ବରଫଖଣ୍ଡ ଉପରେ ଠିଆ ହୋଇଛି। କୁଆଡ଼େ ଯିବି?

ଛୁଆ: କିନ୍ତୁ ମା, ତମେ ତ ମୋ ଠାରୁ ବହୁତ ଦୂରରେ। ମା, ମୋ ପାଖକୁ ଆସ ମା।

ମା: କିନ୍ତୁ କେମିତି ଯିବି ଧନ? ପ୍ରଥମେ ଆମେ ଗୋଟିଏ ବରଫଖଣ୍ଡ ଉପରେ ଥିଲେ। କିନ୍ତୁ ହଠାତ ତୋ ମୋ ଭିତରେ ଗୋଟିଏ ବିରାଟ ଫାଟ

ହୋଇଗଲା ଆଉ ଆମେ ଅଲଗା ହୋଇଗଲେ।

ଛୁଆ: (କାନ୍ଦି) କିନ୍ତୁ କାହିଁକି ମା?

ସିଲ୍: (ପାଣିରୁ ମୁଣ୍ଡ କାଢ଼ି) ହା ହା ବିଚରା ଭାଲୁ। ମତେ ମାରିବାକୁ ଅପେକ୍ଷା କରିଥିଲୁ? ମହାସାଗରର ତାପମାତ୍ରା ବଢୁଛି ଏବଂ ବରଫ ତରଳିବ। ତମେମାନେ ସମସ୍ତେ ବହୁତ ଶୀଘ୍ର ଭାସିଯିବ। ହା ହା ହା ...

ମା: କିନ୍ତୁ ତମ ପାଇଁ କ'ଣ ଏହା ବିପଦଜନକ ହେବନାହିଁ?

ସିଲ୍: ହଁ, ମୁଁ ବି ଆତଙ୍କ ସାମନା କରୁଛି। ମତେ ବି ସବୁ ଠିକ ଲାଗୁନାହିଁ।

ମା: କିନ୍ତୁ ଏସବୁ କାହିଁକି ହେଉଛ?

ସିଲ୍: ବିଶ୍ୱ ଉଷ୍ମାୟନ... ଏସବୁ ବିଶ୍ୱ ଉଷ୍ମାୟନ ଯୋଗୁ ହେଉଛି।

ମା: ବିଶ୍ୱ  ଉଷ୍ମାୟନ? ସେ ପୁଣି କ'ଣ?

ସିଲ୍: ହେ ଭଗବାନ!! ତମେମାନେ ଏଯାଏଁ ଏ ବିଷୟରେ କିଛି ଶୁଣିନ? ତା ମାନେ ହେଉଛି ପୃଥିବୀର ହାରାହାରି ତାପମାତ୍ରା ବଢୁଛି।

ମା: ଓହୋ! କିନ୍ତୁ କ'ଣ ପାଇଁ? ମାନେ... କୋଉଥିପାଇଁ ତାପମାତ୍ରା ବଢୁଛି?

ସିଲ୍: ତମେ କ'ଣ ମତେ ଜଣେ ପଣ୍ଡିତ ଭାବିଛ? ମୁଁ କେମିତି ଜାଣିବି? ଏଠିକୁ ଗବେଷଣା ପାଇଁ ଆସୁଥିବା ବୈଜ୍ଞାନିକଙ୍କଠାରୁ ମୁଁ ଏକଥା କେବଳ ଶୁଣିଥିଲି।

ଛୁଆ: (କାନ୍ଦି) ମା ତମେ କୋଉ ବିଷୟରେ କଥା ହେଉଛ? ମତେ ଏଠୁ ଉଦ୍ଧାର କର...

(ପୁଣି ଥରେ ବରଫ ଖଣ୍ଡ ଫାଟୁଛି)

ଛୁଆ: ମତେ ବଞ୍ଚାଅ ମା, ମୋ ବରଫଖଣ୍ଡ ପୁଣି ଫାଟିଗଲା... ମୁଁ ଭାସିଗଲି ମା...

ଦୃଶ୍ୟ ୩ (ଗାଁ ରାସ୍ତା)

ବିଶ୍ୱ ଉଷ୍ମାୟନ ଏବଂ ପ୍ରଦୂଷଣ ଉପରେ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ କଲେଜର କିଛି ଛାତ୍ରଛାତ୍ରୀ ଆସିଛନ୍ତି। ରାସ୍ତାରେ ଗଲାବେଳେ ସେମାନେ ଦେଖିଲେ ଯେ ଧାନଜମି ମଝିରେ ଗୋଟିଏ ବଡ଼ ପଥର ଠିଆ ହୋଇଛି।

ସୋମା: ଓହୋ କେତେ ଗରମ!! ମୁଁ ଆଉ ସହିପାରିବି ନାହିଁ।

ସୁଦୀପ: କ'ଣ କରିବା ସୋମା? ଆମର ପ୍ରକଳ୍ପରେ ତ ସର୍ଭେ କରିବାକୁ ହେବ। ସେଥିପାଇଁ ଆମକୁ ପ୍ରତି ଘରକୁ ଯିବାକୁ ହେବ।

ନୀତା: ଏଇଟା ସୋମାର ଯୋଜନା ଥିଲା।

ସୋମା: କୋଉ ଯୋଜନା ନୀତା?

ବିମଳ: ହଁ ଏଇଟା ତୋର ଯୋଜନା ସୋମା। ଗାଁ ବାଲାଙ୍କ ପକ୍ଷର କାହାଣୀ ଜାଣିବା ପାଇଁ ତୁ ପ୍ରଥମେ ଘର ଘର ବୁଲି ସର୍ଭେ କରିବାର ପ୍ରସ୍ତାବ ଦେଇଥିଲୁ।

ସୋମା: କାହାଣୀ? ଏଇଟା ଗୋଟେ କାହାଣୀ?

ନୀତା: ହଁ ସେମାନେ ବାୟୁ ପ୍ରଦୂଷଣ, ବିଶ୍ୱ ଉଷ୍ମାୟନ, ଜଳବାୟୁ ପରିବର୍ତ୍ତନ କଥା କହୁଛନ୍ତି।

ସୋମା: ନୀତା ଆଉ ବିମଳ ବେକାର କଥା କୁହନାହିଁ। ମୁଁ ଆଉ କ'ଣ କରିଥାନ୍ତି? ଅଙ୍ଗାର ପଦଚିହ୍ନ, ପ୍ରଦୂଷଣ ଆଉ ବିଶ୍ୱ ଉଷ୍ଣାୟନ ଉପରେ ଗୋଟିଏ ପ୍ରକଳ୍ପ କରିବା ପାଇଁ ସାର୍ କହିଲେ।

ସମୀର: ନିଜ ନିଜ ଭିତରେ ଏମିତି ଲଢ଼ିବା ବନ୍ଦ କରିବ କି? ସୋମାର ଯୋଜନା ଆମକୁ ପ୍ରକୃତ ବାସ୍ତବତା ଦେଖାଇଦେଲା। ଘର ଘର ବୁଲି ସର୍ଭେ ନ କରିଥିଲେ ଆମର ଏଇ ଅନୁଭୂତି ହୋଇ ଥାଆନ୍ତା କି?

ବିମଳ: ସମୀର ସବୁବେଳେ ସୋମା ପଟିଆ... (ହସୁଛି)

ନୀତା: ହେ ବିମଳ... ପ୍ଲିଜ୍... ସମୀର ଠିକ କଥା କହୁଛି। ମୁଁ ଖାଲି ଏମିତି...

ସୁଦୀପ: ସୁ... ଚୁପ୍। ସାର୍ ଆସୁଛନ୍ତି।

ସାର୍: ଆରେ ପିଲାମାନେ... କ'ଣ କରୁଛ? ଭାବୁଛି ସର୍ଭେ କାମ ସରିଗଲାଣି।

ସୋମା: ହଁ ସାର୍।

ସାର୍: ମୋଟରେ କେତେ ଘର ତମେ ବୁଲିଲ?

ନୀତା ପ୍ରାୟ ୫୦ଟି ଘର।

ସାର୍: ବଢ଼ିଆ। ଚାଲ ସେ ଗଛମୂଳେ ବସି ଆଉ ଆଲୋଚନା କରିବା।

(ଚାଲିବାର ଶବ୍ଦ)

ସାର୍: ଏବେ ତମର ଅନୁଭୂତି କୁହ।

ସମୀର: ସାର୍, ପଚାଶ ଘର ଭିତରୁ ୪୫ ଘରେ ରାନ୍ଧିବା ପାଇଁ ଗ୍ୟାସ୍ ନାହିଁ। ଆହୁରି ପୁଣି, ଏ ୪୫ ଘର ଭିତରୁ ୩୦ ଘର ରାନ୍ଧିବା ପାଇଁ

କୋଇଲା ବ୍ୟବହାର କରନ୍ତି। ବାକିମାନେ କାଠ ଜାଳନ୍ତି।

ସାର୍: ବାକି ୫ ଘର?

ନୀତା: ଏଇ ପାଞ୍ଚ ଘର ଅନ୍ୟମାନଙ୍କ ତୁଳନାରେ ଧନୀ। ସେମାନେ ମୋଟା ଅଙ୍କର ଲାଞ୍ଚ ଦେଇ ସିଲିଣ୍ଡର ପାଇଥାନ୍ତି।

ସାର୍: ଓହୋ!! ଆଉ ଇଲେକ୍ଟ୍ରିସିଟି କଥା କ'ଣ?

ସୋମା: ନାହିଁ। ସବୁଠାରୁ ନିକଟତମ ଇଲେକ୍ଟ୍ରିକ ଖୁଣ୍ଟି ଏଠୁ ଚାଳିଶ କିଲୋମିଟର ଦୂର କୁମାରପଡ଼ା ଗାଁରେ ଅଛି। ଏ ଜିଲ୍ଲାର ସେଇଟା ହେଉଛି ଶେଷ ଗାଁ ଯୋଉଠି ବିଦ୍ୟୁତଶକ୍ତି ଅଛି।

ସାର୍: ହୁଁ.... କିନ୍ତୁ ସେମାନେ କ'ଣ ସୌରଶକ୍ତି ବ୍ୟବହାର କରନ୍ତିନାହିଁ?

ସୁଦୀପ: ବହୁତ କମ୍ ଜଣ ସାର୍। କେବଳ ସେଇ ପାଞ୍ଚ ଧନୀ ଘର ଘରେ ସୌରବ୍ୟାଟେରୀ ଆଉ ଆଲୁଅ ଲଗେଇଛନ୍ତି।

ବିମଳ: ସେମାନେ ରାତିରେ ଦୁଇଟି ଲାଇଟ ଆଉ ଦୁଇଟି ପଙ୍ଖା ଚଲାନ୍ତି। ପଙ୍ଖା ପାଞ୍ଚ ଘଣ୍ଟା ଧରି ଚାଲେ।

ସାର୍: ଆଚ୍ଛା ... ଆଚ୍ଛା..

ସମୀର: ସାର୍ ମୋର ଗୋଟିଏ ପ୍ରଶ୍ନ ଅଛି..

ସାର୍: ହଁ ସମୀର... ପଚାର କ'ଣ ତମ ପ୍ରଶ୍ନ...

ସମୀର: ସାର୍ ସର୍ଭେରୁ ଜଣାଗଲା ଯେ ଅଧିକାଂଶ ଘର ତାଙ୍କ ଶକ୍ତିର ଚାହିଦା ପୂରଣ ପାଇଁ କୋଇଲା ବା କାଠ ଜାଳୁଛନ୍ତି। ଆଉ ଆମେ

ଜାଣିଛେ ଯେ ଏସବୁ ଇନ୍ଧନରୁ ଅନେକ ପରିମାଣର ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ ହୁଏ। ମୋ ପ୍ରଶ୍ନ ହେଉଛି, ତା ମାନେ ଏସବୁ ଘର ବାୟୁମଣ୍ଡଳରେ ଆହୁରି ଅଧିକ ଅଙ୍ଗାରକାମ୍ଳ ଜମା କରୁଛି?

ସାର୍: କିଛିଟା ହଁ। କୋଇଲା କେବଳ ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରେନାହିଁ, ବାୟୁମଣ୍ଡଳରେ ଅନେକ ଅଙ୍ଗାର କଣିକା ଜମା କରେ। ଅଙ୍ଗାରକାମ୍ଳ ବାଷ୍ପ ବିଶ୍ୱର ତାପମାତ୍ରା ବଢ଼ାଇଥାଏ, ଅଙ୍ଗାର କଣିକା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ।

ବିମଳ: ସାର୍, ଜନସଂଖ୍ୟା ଏବଂ କାରିଗରୀ ବଢ଼ିବା ଯୋଗୁ ଶକ୍ତିର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ଶକ୍ତିର ଏହି ଚାହିଦା ବଢ଼ିବା କ'ଣ ବିଶ୍ୱ ଜଳବାୟୁ ଉପରେ ନକାରାତ୍ମକ ପ୍ରଭାବ ପକାଉଛି?

ସାର୍: ବଢ଼ିଆ ପ୍ରଶ୍ନ। ନିକଟରେ ଆନ୍ତର୍ଜାତିକ ଶକ୍ତି ସଂସ୍ଥା କରିଥିବା ଅନୁଧ୍ୟାନରୁ ଜଣାଯାଇଛି ଯେ ଏହା ପୂରା ଠିକ ହୋଇ ନ ପାରେ।

ନୀତା: ଠିକ ନୁହେଁ? କିନ୍ତୁ କାହିଁକି ସାର୍?

ସାର୍: ହୁଁ... ବୁଝିବାକୁ ଚେଷ୍ଟା କର, ତମକୁ ଆଧୁନିକ ଶକ୍ତି କ'ଣ ତାହା ଜାଣିବାକୁ ହେବ।

ସୋମା: ଆଧୁନିକ ଶକ୍ତି? ତା ମାନେ? ଆମେ ଜାଣିବାରେ ଶକ୍ତି ହେଉଛି ଅକ୍ଷୟ।

ସାର୍: ନା ସୋମା। ଆଧୁନିକ ଶକ୍ତି ଅର୍ଥ ହେଉଛି ପ୍ରାକୃତିକ ସମ୍ପଦରୁ କମ୍ ମାତ୍ରାରେ ପ୍ରଦୂଷଣ କରି ଶକ୍ତି ସୃଷ୍ଟି କରିବା... ଯେମିତିକି କୋଇଲା

ନିଆଁରେ ରାନ୍ଧିବା ଆଉ ଗ୍ୟାସରେ ରାନ୍ଧିବା। ଏକା ଉଦ୍ଦେଶ୍ୟ ପାଇଁ ଉଭୟ ପ୍ରାକୃତିକ ସମ୍ପଦ ବ୍ୟବହାର କରୁଛନ୍ତି କାରିଗରୀ କୌଶଳ କାର୍ଯ୍ୟଦକ୍ଷତା ବଢ଼ାଇଦିଏ ଏବଂ ଏଥିରେ ପ୍ରଦୂଷଣ କମ୍ ହୁଏ।

ସୁଦୀପ: ଏବେ ମୁଁ ଆପଣଙ୍କ କଥା ବୁଝିପାରିଲି ସାର୍। ଏହାର ସ୍ୱାସ୍ଥ୍ୟଗତ ଲାଭ ବି ରହିଛି ବିଶେଷ କରି ବିଶ୍ୱ ପରିପ୍ରେକ୍ଷୀରେ?

ସାର୍: ନିଶ୍ଚୟ।

ସୁଦୀପ: କିନ୍ତୁ ଆମେ ଏହାକୁ କେମିତି ମାପି ପାରିବା? ସ୍ୱାସ୍ଥ୍ୟ ର ମାପି ହୋଇପାରିଲା ଭଳି ଖାଉଟି ଦ୍ରବ୍ୟ। ନୁହେଁ।

ସାର୍: ଏସବୁ ଅଲଗା ବାଟରେ କରାଯାଏ। ଆଜିର ପରିସ୍ଥିତିରେ ଘରୋଇ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ପ୍ରଭାବକୁ ମାପିବା କଠିନ ଇନ୍ଧନ ଉପରେ ନିର୍ଭରଶୀଳତା ଉପରେ ଆଧାରିତ। ଭବିଷ୍ୟତର ମାପିବା ମୋଟ ଉପଲବ୍ଧତା ଏବଂ ପରିସଂଖ୍ୟାନ ବଦଳିବା ଉପରେ ଆଧାରିତ ହେବ। ତା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ଥିର କରିଥିବା ରୋଗ ଏବଂ ମୃତ୍ୟୁହାର ସହିତ ତୁଳନା କରିବା। ୨୦୦୫ ମସିହାରେ ପାରମ୍ପରିକ ଚୁଲୀରେ କଠିନ ଇନ୍ଧନ ଜାଳିବା ଦ୍ୱାରା ମୋଟ ମୃତ୍ୟୁସଂଖ୍ୟା ୨୨ ଲକ୍ଷ ହୋଇଥିବାର ଜଣାଯାଏ।

ସୋମା: ଚମତ୍କାର ସାର୍। ଆପଣ ଏତେ ବଢ଼ିଆ କରି ବୁଝେଇ ଦେଲେ। ଏହି ଉତ୍ସର୍ଜନକୁ ବନ୍ଦ କରିବା ପାଇଁ ସରକାର କ'ଣ କରିପାରିବ?

ସାର୍: ସୋମା, ସରକାର ଚାହିଁଲେ ଅନେକ କିଛି କରିପାରିବ। ସେମାନେ କମ୍ପାନୀମାନଙ୍କୁ ବାଧ୍ୟ କରିପାରିବେ ଯେ ଉତ୍ସର୍ଜନ ନିୟମ ମାନିବା ପାଇଁ ବାଧ୍ୟ କରିପାରିବେ। ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ର ଲଗାଇବାକୁ ବାଧ୍ୟ କରିପାରିବେ।

ସମୀର: ସାର୍ ମୁଁ ଗୋଟିଏ ଜାଗାରେ ଅଙ୍ଗାର ଟାକ୍ସ ବିଷୟରେ ପଢ଼ିଥିଲି।

ସାର୍: ତମେ ଠିକ କହିଛ ସମୀର। ଜୀବାଶ୍ମ ଇନ୍ଧନ ଜାଳିଲେ ଅଙ୍ଗାର ଟାକ୍ସ ପଡ଼େ। ଏହା ଉଦ୍ଦେଶ୍ୟ ହେଉଛି ଜୀବାଶ୍ମ ଇନ୍ଧନ କମ୍ କରିବା ଏବଂ ଶେଷରେ ପୂରା ବନ୍ଦ କରିଦେବା। କାରଣ ଏହା ଜାଳିଲେ ପରିବେଶ ନଷ୍ଟ ହେଉଛି। ଅନ୍ୟ ଶବ୍ଦରେ କହିଲେ ଅଙ୍ଗାର ଇନ୍ଧନ ବ୍ୟବହାର କରି ଅଙ୍ଗାରକାମ୍ଳ ସୃଷ୍ଟି କରି ପରିବେଶକୁ ନଷ୍ଟ କରୁଥିବା ଲୋକଙ୍କ ଉପରେ ଟାକ୍ସ ପକାଇବା। ଯଦି ଏହା ବହୁତ ଅଧିକ ହୁଏ ତାହେଲେ ଲୋକ ଅନ୍ୟ ଶକ୍ତି ଉତ୍ସ ବ୍ୟବହାର କରିବା ଦିଗରେ ଲୋକଙ୍କୁ ଉତ୍ସାହିତ କରିବ।

ସୋମା: ତା ମାନେ ଏହା ଗୋଟିଏ ପ୍ରକାର ଅଙ୍ଗାର ପାଇଁ ମୂଲ୍ୟ ଦେବା।

ସାର୍: ଠିକ କହିଛ।

ସମୀର: (ଆଗ୍ରହର ସହ) ସାର୍, ଆମ ଭାରତରେ ଅଙ୍ଗାର ଟାକ୍ସ ଅଛି?

ସାର୍: ନିଶ୍ଚୟ। ଜୁଲାଇ ୧, ୨୦୧୦ ତାରିଖରେ ଦେଶବ୍ୟାପୀ ଅଙ୍ଗାର ଟାକ୍ସ ଲାଗୁ ହେଲା। ପ୍ରତି ଏକ ଟନ୍ କୋଇଲା ଉତ୍ପାଦନ ବା ଆମଦାନୀ ପିଛା ୫୦ ଟଙ୍କା ଲାଗୁ ହେଲା। ଉଦ୍ଦେଶ୍ୟ ଥିଲା ଘରୋଇ ବ୍ୟବହାରରେ ଏହାର ପରିମାଣ କମ୍ କରିବା। ୨୦୦୫ ମସିହା ତୁଳନାରେ ୨୦୨୦

ମସିହା ବେଳକୁ ଯେପରି ଶତକଡ଼ା ୨୫ ଭାଗ କମ୍ ହୋଇପାରିବ। ଏବେ ପ୍ରତି ଟନ୍ ପିଛା ଅଙ୍ଗାର ଟାକ୍ସ ୪୦୦ ଟଙ୍କା ରହିଛି।

ନୀତା: ସାର୍, ଅନ୍ୟ ଦେଶରେ?

ସାର୍: ଅନ୍ୟ ଦେଶମାନେ ବି ସେମାନଙ୍କର ଅଙ୍ଗାର ଟାକ୍ସ ରଖିଛନ୍ତି। କେତେ ଦେଶରେ ତ ଏହା ବହୁତ ଜଟିଳ।

ବିମଳ: ଜଟିଳ? କେମିତି ସାର୍?

ସାର୍: ଯେତେବେଳେ ପ୍ରଥମେ ଆରମ୍ଭ କରାଗଲା, ସେତେବେଳେ ଆମ ଦେଶ ସମେତ ଅନ୍ୟ ଦେଶର ଶିଳ୍ପପତି ମାନେ ଏହାକୁ ବିରୋଧ କଲେ। ସେମାନେ ଭାବିଲେ ବଜାରରେ ସେମାନଙ୍କ ପଦାର୍ଥର ମୂଲ୍ୟ ଏହା ଦ୍ୱାରା ବହୁତ ବଢ଼ିଯିବ। ଆମେରିକାରେ ତ ପରିସ୍ଥିତି ଏମିତି ହେଲା ଯେ ପରିବେଶପ୍ରେମୀମାନେ ଦେଶବ୍ୟାପୀ ଏକ ଆନ୍ଦୋଳନ ଆରମ୍ଭ କଲେ ସିଟିଜନ୍ସ୍ କ୍ଲାଇମେଟ୍ ଲବି। ଉଦ୍ଦେଶ୍ୟ ଥିଲା ଅଙ୍ଗାର ଉପରେ ଜାତୀୟ ମୂଲ୍ୟ ସ୍ଥିର କରିବା।

ନୀତା: ହେ ଭଗବାନ!!

ସମୀର: ସାର୍, ସେଇଟା କ'ଣ? ଗୋଟିଏ ମାଇଲଖୁଣ୍ଟି ଭଳି ମନେହେଉଛି।

ସୁଦୀପ: ମାଇଲଖୁଣ୍ଟ ନୁହେଁ ବୁଦ୍ଧୁ, ଏହା ନିଶ୍ଚୟ ଗୋଟିଏ ସ୍ମାରକୀ ବା କବରଖୁଣ୍ଟି।

ନୀତା: ସୁଦୀପ ଠିକ କହୁଛି। ବୋଧହୁଏ ଏଠି କିଏ ମରିଥିଲେ ତାକୁ ସୂଚେଇବା ପାଇଁ ଏହା ରହିଛି।

ସୋମା: ଏହା ଉପରେ କିଛି ଲେଖାହୋଇଛି।

ସାର୍: ଯଦି ପାରୁଛ ପଢ଼ିଲ।

ସମୀର: ସାର୍, ଲେଖାହୋଇଛି ଯେ, ପ୍ରଦୂଷଣ ଏବଂ ଠିକ ଚିକିତ୍ସା ନ ମିଳିବା ଯୋଗୁ ମରିଥିବା ଗାଁଲୋକଙ୍କ ସ୍ମୃତିରେ ଏହା ସ୍ଥାପିତ।

ସାର୍: ହେ ଭଗବାନ! ଏହା ବଡ଼ ଅଯୌକ୍ତିକ। ମୁଁ ଏମିତି ଆଗରୁ କେବେ ବି ଦେଖି ନ ଥିଲି।

ବିମଳ:ଓହ! ଆରେ ଦେଖ। ଏଠିକା ଜଣେ ଚାଷୀ ଯାଉଛନ୍ତି। ତାଙ୍କୁ ଏ ବିଷୟରେ ପଚାରିବା। (କିଛି ସମୟ ପରେ ଚିତ୍କାର କରି) ଆପଣ ମତେ ଶୁଣିପାରୁଛନ୍ତି କି? ଏଠି କ'ଣ ହୋଇଥିଲା?

ଆରାଫତ: ଆଜ୍ଞା, ଆପଣ ମତେ ଡାକୁଛନ୍ତି?

ସାର୍: ହଁ ହଁ, ନମସ୍କାର। ଆପଣଙ୍କ ନାଁ କ'ଣ?

ଆରାଫତ୍: ମୋ ନାଁ ଆରାଫତ୍। ମୁଁ ଏ ଗାଁର ଜଣେ ଚାଷୀ।

ସାର୍: ବଢ଼ିଆ କଥା। ଏଠି କ'ଣ ହୋଇଥିଲା ଆପଣ କହିପାରିବେ?

ଆରାଫତ୍: ସେ ତ ବହୁତ ଦୁଃଖଦ ଘଟଣା ଥିଲା। ଗତ କେତେ ବର୍ଷ ଧରି ଅନେକ ଗାଁ ଲୋକ ନିଶ୍ୱାସପ୍ରଶ୍ୱାସ ରୋଗରେ ମରିଗଲେ। ସେଥିପାଇଁ କିଛି ପରିବେଶପ୍ରେମୀ ଭାଇ ଏହି ପଥରକୁ ଏଠି ଲଗେଇଛନ୍ତି।

ସାର୍: ଆଚ୍ଛା! କିନ୍ତୁ କାହିଁକି?

ଆରାଫତ: ସାର୍, ଗାଁ ବାହାରକୁ ଅନେକ ସ୍ପଞ୍ଜ ଲୁହା କାରଖାନା ଏବଂ

ଆଜବେଷ୍ଟସ୍ କାରଖାନା ରହିଛି। ଗାଁର ଅନେକ ଲୋକ ସେଠି କାମ କରନ୍ତି। କିନ୍ତୁ ଉତ୍ସର୍ଜନ ନିୟମକୁ ସେ କାରଖାନା ମାନନ୍ତିନାହିଁ। କାରଖାନା ଚିମିନିରୁ ଗାଢ଼ କଳା ଧୂଆଁ ବାହାରୁଥିବାର ଆମେ ସମସ୍ତେ ଏଠି ଦେଖୁଛୁ।

ସୋମା: ସେ ତ ବହୁତ ଖରାପ କଥା।

ଆରାଫତ: ହଁ ଭଉଣୀ। ସେଠିକା କାମ କରୁଥିବା ଲୋକ ସେ କଳାଧୂଆଁର ଶିକାର ହୁଅନ୍ତି।

ସୁଦୀପ: କେବଳ ସେଠିକା ଶ୍ରମକି ନୁହନ୍ତି, ଗାଁ ଲୋକେ ବି ନିଶ୍ୱାସରେ ଏ କଳା ଧୂଆଁ ନିଅନ୍ତି।

ଆରାଫତ: ଆପଣ ଠିକ କହିଛନ୍ତି ବାବୁ। ଲମ୍ବା ସମୟ ଧରି ଏଇ କଳାଧୂଆଁ ନିଶ୍ୱାସରେ ନେବା ଯୋଗୁ, ଶ୍ରମିକ ମାନଙ୍କର ଫୁସଫୁସ ରୋଗ ଆରମ୍ଭ ହେଲା। ତା ଉପରେ ପୁଣି ଆମ ଏଇ ଅଞ୍ଚଳରେ ଡାକ୍ତରଖାନା ବି ନାହିଁ। ଯେଉଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି ତା ଅବସ୍ଥା ବହୁତ ଖରାପ। ଇଲେକ୍ଟ୍ରିସିଟି ନାହିଁ, ସେଥିପାଇଁ କୌଣସି ନିଦାନ ବ୍ୟବସ୍ଥା, ସ୍କାନ, ଏକ୍ସରେ ଏଠି ହୋଇପାରେନାହିଁ। ଫଳରେ ଅଧିକାଂଶ ରୋଗ ଚିକିତ୍ସା ନ ହୋଇ ରହିଯାଏ। ଗତବର୍ଷ ଏହିଭଳି ରୋଗରେ ତିନିଜଣ ମରିଥିଲେ।

ସାର୍: ବହୁତ ଦୁଃଖର କଥା। କିନ୍ତୁ ଏ ପଥରକୁ ଏଠି କିଏ ଠିଆ କରିଛି?

ଆରାଫତ: ସାର୍ ଏ ଗାଁରେ କିଛି ଶିକ୍ଷିତ ଯୁବକ ଅଛନ୍ତି। ସେମାନେ ଆମକୁ କହିଲେ ଯେ ଏସବୁ କାରଖାନାରୁ ଅଙ୍ଗାର କଣିକା ଏବଂ ଅଙ୍ଗାରକାମ୍ଳ

ବାଷ୍ପ, ତା ସହିତ ଅନେକ ବିଷାକ୍ତ ବାଷ୍ପ ବାହାରୁଛି। ଏସବୁ ବାଷ୍ପ ଗୋଟିଏ ଦିଗରେ ପରିବେଶକୁ ପ୍ରଦୂଷିତ କରୁଛି, ତା ସହିତ ବିଶ୍ୱ ଉଷ୍ମାୟନରେ ବି ଯୋଗଦାନ କରୁଛି। ସେମାନେ ଜଳବାୟୁର ଢାଞ୍ଚା ବି ବଦଳାଇବା ପାଇଁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଯୁବକମାନେ ଏହି ମରିଥିବା ଲୋକଙ୍କ ସ୍ମୃତିରେ ପଥର ଠିଆ କରିଛନ୍ତି ଏବଂ ପ୍ରଦୂଷଣ ବିରୁଦ୍ଧରେ ପ୍ରତିବାଦ କରିଥିଲେ।

ସାର୍: ବହୁତ ଦୁଃଖର କଥା, ପୁଣି ବହୁତ ଅନନ୍ୟ। ହଉ ଆମେ ଯାଉଛୁ। ହଉ ଆରାଫତ, ନମସ୍କାର।

ଦୃଶ୍ୟ ୪

ଗାଁ ଦୃଶ୍ୟ, ଘର ତିଆରିର ଶବ୍ଦ

ଆରାଫତ: (ଚିତ୍କାର କରି) ମାଧବ ଭି... ହରିଶ ଭାଇ।

ମାଧବ: ଆରେ ଆରାଫତ, କ'ଣ ହେଲା?

ଆରାଫତ: ତମେମାନେ କାରଖାନାର କାମ ଦେଖିଲଣି? ଆଉ ସେ ଧଳା ଲୁଗା ପିନ୍ଧି କାମ ତଦାରଖ କରୁଥିବା ଲୋକ? ସେମାନେ କିଏ? ସେଠି କ'ଣ ହେବାକୁ ଯାଉଛି?

ହରିଶ:ଆରାଫତ, ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସଂସ୍ଥାର।

ଆରାଫତ: ପ୍ରଦୂଷଣ ନିୟନ୍ତ୍ରଣ ସଂସ୍ଥା? ସେମାନେ ଏଠି କ'ଣ କରୁଛନ୍ତି?

ମାଧବ: ତମେ କ'ଣ କିଛି ଶୁଣିନ? ସରକାର ନିୟମ କରିଛନ୍ତି ଯେ ପ୍ରତି କାରଖାନା ଉତ୍ସର୍ଜନ ନିୟନ୍ତ୍ରଣ କରିବା ବ୍ୟବସ୍ଥା ଲଗାଇବେ ଏବଂ ବାୟୁ

ପ୍ରଦୂଷଣ ରୋକିବେ।

ଆରାଫତ: ସତରେ?

ହରିଶ:ହଁ ଭାଇ। ସରକାର ଘୋଷଣା କରିଛନ୍ତି ଯେ ପ୍ରତି ଲୋକ ଶୁଦ୍ଧ ବାୟୁ ନିଶ୍ୱାସ ନେବେ ଏବଂ ଶୁଦ୍ଧ ଶକ୍ତି ବ୍ୟବହାର କରିବେ।

ଆରାଫତ: (ଖୁସିରେ) ସତରେ? ତା ମାନେ ମୁଁ ଆଉ କଳାଧୂଆଁ ନିଶ୍ୱାସରେ ନେଇ କାଶିବି ନାହିଁ।

ମାଧବ: ହଁ। ଏ ଲୋକମାନେ ଉତ୍ସର୍ଜନ ମାପିବାକୁ ଆସିଛନ୍ତି। କିଛିଦିନ ଅପେକ୍ଷା କର। ତା ପରେ...

ଆରାଫତ: ଦେଖ ଦେଖ... ବେଣୀ ଧାଇଁ ଧାଇଁ ଆସୁଛି... (ଚିତ୍କାର କରି) ହେ ବେଣୀ... କାହିଁକି ଧାଉଁଛୁ?

ବେଣୀ: ଦାଦା, ଆଉ କଳା ଧୂଆଁ ଆସିବନାହିଁ... ଆଉ କାହାର ନିଶ୍ୱାସ ନେବାରେ କଷ୍ଟ ହେବନାହିଁ। ମୁଁ ଯାଉଛି ବିଲରେ ଅନ୍ୟମାନଙ୍କୁ ଏ ଖବର ଜଣାଇଦେବି।

ଆରାଫତ: ହଉ ଯା ଯା... ଜଲ୍ଦି ଯାଆ। ସତରେ କେତେ ବିରାଟ ଖବର।

ମାଧବ: ମୁଁ ସେଇମାନଙ୍କ କଥା ଭାବୁଛି ଯେଉଁମାନେ ଏଭଳି ପ୍ରଦୂଷଣ ଯୋଗୁ ମରିଯାଇଛନ୍ତି। ସେମାନେ ଆଜି ବଞ୍ଚିଥିଲେ ଏସବୁ ଦେଖି କେତେ ଖୁସି ହୋଇ ନ ଥାନ୍ତେ।

ଆରାଫତ: ହଁ ହଁ..

ହରିଶ: ମୁଁ ବି ଶୁଣିଛି ଯେ ସରକାର ଅଙ୍ଗାର ଟାକ୍ସ ବଢ଼େଇ ଦେଇଛି।

ମାଧବ: ତା ନିଶ୍ଚୟ ଗୋଟିଏ ବଡ଼ ପଦକ୍ଷେପ। ଏହା ଦ୍ୱାରା ତେଲ ଦାମ୍ ଟିକିଏ ବଢ଼ିଯାଇପାରେ। କିନ୍ତୁ ଏହା କମ୍ପାନୀମାନଙ୍କ ଉପରେ ଚାପ ପକେଇବ ସେମାନେ ପୁନଃନବୀକରଣ ଶକ୍ତି ଉତ୍ସ ବ୍ୟବହାର କରିବେ। ଏହା ଦ୍ୱାରା ପ୍ରଦୂଷଣ ହଠାତ ବହୁତ କମିଯିବ।

ଆରାଫତ: ଏବଂ ଜଳବାୟୁ ପରିବର୍ତ୍ତନକୁ ବି ରୋକିଦେବ। ଦେଖ, ଗତବର୍ଷ ଫସଲ ପାଇଁ ଯଥେଷ୍ଟ ବର୍ଷା ହେଲାନାହିଁ। ଫଳରେ ଅନେକଙ୍କର, ମୋର ବି ଫସଲ ପୂରା ଶୁଖିଗଲା। ମୁଁ ଶୁଣିଛି ପ୍ରଦୂଷଣ ଏବଂ ବିଶ୍ୱ ଉଷ୍ମାୟନ ଜଳବାୟୁ ପରିବର୍ତ୍ତନର ମୂଳ କାରଣ।

ହରିଶ: ତମେ ଠିକ କହିଛ। ବିଶୁଦ୍ଧ ବାୟୁ ନିଶ୍ୱାସ ନେବା ଆମର ଅଧିକାର ରହିଛି। ଆଶାକରୁଛି ଭଲଦିନ ନିଶ୍ଚୟ ଆସିବ।